# ଆସୁଛି ମହାବାତ୍ୟା 'ଫନି' –ବିଭାଗୀୟ ଅଧିକାରୀମାନେ ସତର୍କ ଓ ସଜାଗ ରହି ଏହାର କଡା ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ ପରାମର୍ଶ ।

ଅନୁଗୋଳ,ତା.୨୯.୦୪:- ବଙ୍ଗୋପସାଗରର ଦକ୍ଷିଣ ପୂର୍ବରେ ଘନିଭୂତ 'ଫନି' ପ୍ରବଳ ବାତ୍ୟାରେ ପରିଣତ ହୋଇ ଆସନ୍ତା ମାସ ୪ ତାରିଖରେ ପୁରୀର ଚନ୍ଦ୍ରଭାଗାଠାରେ ସ୍ଥଳଭାଗ ଛୁଇଁବ । ଏହାର ପ୍ରଭାବରେ ଘଣ୍ଟାକୁ ୧୮୦ କି.ମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷାର ଆଶଙ୍କା କରାଯାଉଛି । ଏହି ବାତ୍ୟାର ସଠିକ୍ ମୁକାବିଲା ନିମନ୍ତେ ଓଡିଶା ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଜାରି ହୋଇଥିବା ସତର୍କତାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ବିଭାଗୀୟ ଅଧିକାରୀମାନେ ଆନୁସଂଗିକ ବ୍ୟବସ୍ଥା ସହ ସଜାଗ ଓ ସତର୍କ ରହିବା ସହ କେହି ବିନା ଅନୁମତିରେ ମୁଖ୍ୟ ଦପ୍ତର ଛାଡି ପାରିବେ ନାହି ବୋଲି ଜିଲ୍ଲାପାଳ ଚେତାବନି ଦେଇଛନ୍ତି । ଜିଲ୍ଲାର ସ୍କୁଲ ଗୁଡିକରେ ଚିହ୍ନଟ ହୋଇଥିବା ବାତ୍ୟା ଆଶ୍ରୟ ସ୍ଥଳରେ ସମସ୍ତ ପ୍ରକାର ଖାଦ୍ୟ ଓ ଔଷଧ ମହଜୁଦ ରଖିବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି, ଜନସାଧାରଣ ଭୟଭୀତ ନ ହୋଇ ଏହି ବାତ୍ୟାର କଡା ମୁକାବିଲା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଆସନ୍ତା ୨ ତାରିଖରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ଲୋକମାନଂକୁ ସଚେତନ କରିବାଂକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାର ତଳିଆ ଅଂଚଳ ଆଠମଲ୍ଲିକ,ବନ୍ତଲା,କଣିହାଁ ଓ ଟିକରପଡା ପ୍ରଭୃତି ସ୍ଥାନରେ ଲୋକମାନଂକୁ ଉଚ୍ଚା ଓ ନିରାପଦ ସ୍ଥାନକୁ ନେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ । ବାତ୍ୟା ପୂର୍ବରୁ ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରିବା ସହ ପରେ ଏହାର ପୁନଃଉଦ୍ଧାର କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ସେହିପରି ବାତ୍ୟା ପରେ ରାସ୍ତାରେ ପଡିଥିବା ଗଛ ଗୁଡିକୁ ଯୁଦ୍ଧକାଳିନ ଭିତ୍ତିରେ ପାୱାରକଟର ସାହଯ୍ୟରେ କାଟି ରାସ୍ତା ସଫା କରିବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି । ବାତ୍ୟା ସମୟରେ ଚୁଡା,ଗୁଡ,ଚାଉଳ ଓ କିରୋସିନି ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ରିଟେଲରମାନେ ଆଗୁଆ ଏହାକୁ ଗଚ୍ଛିତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସ ୩୦ ତାରିଖରୁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନଂକର ଛୁଟିକୁ ବାତିଲ କରାଯାଇଛି । ଗୃହପାଳିତ ପଶୁମାନଂକ ପାଇଁ ଆବଶ୍ୟକ ଖାଦ୍ୟ ପଦାର୍ଥ ଗଚ୍ଛିତ ରଖିବା ସହ ବାତ୍ୟା ପରେ ପୁନଃଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକରୀଂକୁ ପରାମର୍ଶ ଦେଇଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି, ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଶ୍ରୀ ବୈଦୁରା ଦିପଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



